# ଆଦିବାସୀ ମେଳା-୨୦୧୬

## ସୁସ୍ୱାଦୁ ଖାଦ୍ୟ ବଜାରରେ ମୁଢ଼ି ମାଂସର ମହକ

ରାଜଧାନୀରେ ଚାଲିଥିବା ଆଦିବାସୀ ମେଳାରେ ଆଦିବାସୀ ଗ୍ରାମର ସମନ୍ୱିତ ରୂପ ଦର୍ଶକମାନଙ୍କୁ ମୁଗ୍ଧ କରିଥିବା ବେଳେ ତାହାରି ଭିତରେ ଆକର୍ଷଣର ଆଉ ଏକ କେନ୍ଦ୍ରବିନ୍ଦୁ ସାଜିଛି ଆଦିବାସୀ ଖାଦ୍ୟ ବଜାର ବା ଫୁଡ୍ କୋର୍ଟ୍ । ଆଦିବାସୀ ସଂପ୍ରଦାୟ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଏଠାରେ ପ୍ରସ୍ତୁତ ହୋଇ ଦର୍ଶକମାନଙ୍କୁ ପରିବେଷଣ କରାଯାଉଛି । ଗୋଟିଏ ପରେ ଗୋଟିଏ ମଣ୍ଡପ ବୁଲି ସାରିବା ପରେ ଦର୍ଶକ କ୍ଲାନ୍ତି ମେଣ୍ଟାଇବା ପାଇଁ ପହଞ୍ଚୁଛନ୍ତି ସ୍ୱତନ୍ତ୍ର ଭାବରେ ନିର୍ମିତ ଖାଦ୍ୟ ମଣ୍ଡପରେ ଏବଂ କିଛି ମୁହୂର୍ତ୍ତ ସେଠାରେ କଟାଇ ସୁସ୍ୱାଦୁ ଖାଦ୍ୟ ଖାଇ ସାରିବାପରେ ନିଆରା ଅନୁଭୂତି ନେଇ ଫେରୁଛନ୍ତି । ଖାଦ୍ୟ ବଜାରରେ ରହିଛି ମୋଟ ଦଶଟି ଷ୍ଟଲ୍ ଏବଂ ସେଥି ମଧ୍ୟରୁ ଅଧିକାଂଶ ଆଦିବାସୀ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି ।

ଆଦିବାସୀ ମେଳାର ଖାଦ୍ୟ ବଜାରରେ ରହିଥିବା ମୁଖ୍ୟ ଷ୍ଟଲ୍ ଗୁଡିକ ଭିତରେ ରହିଛି କେତେକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଷ୍ଟଲ୍, ଯେଉଁଠି ଦର୍ଶକ ପାଇ ପାରୁଛନ୍ତି ସେମାନଙ୍କ ନିଜସ୍ୱ ସମ୍ପ୍ରଦାୟର ସୁସ୍ୱାଦୁ ଖାଦ୍ୟ । ସେହିଭଳି ଆଉ କେତେକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଖୋଲାଯାଇଥିବା ଷ୍ଟଲରେ ଆଦିବାସୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଘର ତିଆରି ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି । ଏହି ସବୁ ଷ୍ଟଲ୍‌ରେ ମିଳୁଥିବା ବରା, ପିଠା, ରାଶି ଲଡୁ ଆଦି ଖାଇବାକୁ ଦର୍ଶକଙ୍କ ଭିଡ ଲକ୍ଷ୍ୟ କରାଯାଉଛି । ମୟୁରଭଞ୍ଜ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ପ୍ରିୟ ଖାଦ୍ୟ ରୂପେ ପରିଚିତ ଚକୁଳି ପିଠା, ଚକୁଳି ଡାଲମା ଓ ଖିରି ପିଠା ଆଦି ପରିବେଷନ ପାଇଁ ଦୁଇ ତିନୋଟି ଷ୍ଟଲ୍ ଖୋଲିଛି ଖାଦ୍ୟ ବଜାର ପରିସରରେ । ମୟୁରଭଞ୍ଜ ଜିଲ୍ଲାର ଷ୍ଟଲରେ ବାରିପଦା ମୁଢ଼ି ସହିତ ଅନ୍ୟ ଆନୁଷଙ୍ଗିକ ଖାଦ୍ୟ ମିଳୁଥିବାବେଳେ ସେହି ଜିଲ୍ଲାର ଅନ୍ୟ ଏକ ଷ୍ଟଲରେ ଦର୍ଶକମାନଙ୍କୁ ମୁଢ଼ି ମାଂସ, ମୁଢ଼ି ଆଳୁଦମ୍, ମାଂସ କଷା, ଚିକେନ୍ ପକୋଡା, ଚଣାମସଲା, ପରିବା ପିଠା, ହର୍ବାଲ୍ ଡ୍ରିଙ୍କ୍ସ ଆଦି ମନପସନ୍ଦର ଖାଦ୍ୟ ପାନୀୟ ଯୋଗାଯାଉଛି । ଏହା ବ୍ୟତୀତ କେତେକ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ମଧ୍ୟ ରୁଚିପୂର୍ଣ୍ଣ ଖାଦ୍ୟ ପ୍ରସ୍ତୁତ କରି ଦର୍ଶକଙ୍କୁ ବିକ୍ରି କରୁଥିବା ଦେଖାଯାଉଛି । ସୁନ୍ଦରଗଡ ଜିଲ୍ଲାରୁ ଆସିଥିବା ଖାଦ୍ୟ ସାମଗ୍ରୀର ଷ୍ଟଲ୍ ସହ ଓମ୍‌ଫେଡ୍ ପକ୍ଷରୁ ମଧ୍ୟ ଷ୍ଟଲ୍ ଖୋଲାଯାଇ ବିଭିନ୍ନ ପାନୀୟ ଯୋଗାଯାଉଛି ।

ଆଦିବାସୀ ଅଧ୍ୟୁଷିତ ଅଂଚଳର ଖାଦ୍ୟ ସାମଗ୍ରୀ ରାଜଧାନୀରେ ଏଭଳି ସୁବିଧାରେ ଉପଲବ୍ଧ ହେବାଫଳରେ ଚଳିତ ବର୍ଷ ଆଦିବାସୀ ମେଳାରେ ଦର୍ଶକମାନେ ମନଭରି ଆନନ୍ଦ ଅନୁଭବ କରୁଛନ୍ତି । ଏହି ଷ୍ଟଲ୍ ଗୁଡିକରେ ଅଧିକାଂଶ ସମୟରେ ଲୋକଗହଳି ଲାଗି ରହିଛି । ବନ୍ଧୁ ଓ ପରିବାର ସଦସ୍ୟମାନଙ୍କ ସହ ସେମାନେ ଖାଦ୍ୟ ଉପଭୋଗ କରୁଥିବାର ନିଆରା ଦୃଶ୍ୟ ଦେଖିବାକୁ ମିଳୁଛି ଆଦିବାସୀ ମେଳାରେ । ଆଜି ମେଳାର ଏକାଦଶ ସନ୍ଧ୍ୟାରେ ବହୁ ସଂଖ୍ୟକ ମହିଳା ଓ କଲେଜ ଛାତ୍ରଛାତ୍ରୀ ଖାଦ୍ୟ ଷ୍ଟଲ୍‌ଗୁଡିକରେ ଭିଡ ଜମାଇଥିବାର ଦେଖାଯାଉଛି ।